# Akashvani, Sambalpur

## SAMBALPURI NEWS BULLETIN

### 4 August 2024- 6.47- 6.52 am.

*********************************************

ରାଜ୍ୟପାଲ୍ ସମ୍ମିଳନୀ          ଏନ୍ଏସ୍ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଦିବାସୀ କଲ୍ୟାଣ୍, ମହିଳା ସଶକ୍ତିକରଣ୍, ପ୍ରାକୃତିକ ଚାଷ ଆର୍ ଡ୍ରଗ୍ ନିଶା ବାଗିର୍ ପ୍ରସଙ୍ଗ ଉପ୍ରେ ଜୋର୍ ଦେଇଛନ୍ । ଗଲାକାଏଲ୍ ରାଷ୍ଟ୍ରପତି ଭବନ୍ ନ ରାଜ୍ୟପାଲ୍ମାନ୍କର୍ ୨ ଦିନିଆ ସମ୍ମିଳନୀର୍ ଉଦ୍ଯାପନୀ ସମାରୋହକେ ସମ୍ବୋଧିତ୍ କରିକରି ରାଷ୍ଟ୍ରପତି ଦେଶର୍ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗମାନ୍କର୍ ଉପ୍ରେ ରାଜ୍ୟପାଲ୍ମାନ୍କୁ ନେଇକରି ହେଇଥିବା ଗୋଷ୍ଠୀର କାମ୍ର ପ୍ରଶଂସା କରିଛନ୍ । ରାଜ୍ୟପାଲ୍ମାନ୍କର୍ ତର୍ଫୁ ଦିଆଯାଇଥିବା ପରାମର୍ଶ ଉପ୍ରେ ଆଗ୍କେ ନିଶ୍ଚିତ୍ ଭାବେ କାମ୍ ହେବା ବଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବିଶ୍ୱାସ୍ ଜାହିର୍ କରିଛନ୍ । ନିଜର୍ ନିଜର୍ ରାଜ୍ୟ ସର୍କାର୍ମାନେ ଯେନ୍ତା ପ୍ରଭାବୀ ଭାବେ ଚାଲ୍ବା ସେଥିର୍ଲାଗି ନିରନ୍ତର୍ ଯୋଗାଯୋଗ ଆର୍ ସୂଚ୍ନା ରଖ୍ବାର୍କେ

ଉପରାଷ୍ଟ୍ରପତି ଜଗଦ୍ଦୀପ୍ ଧନ୍‌ଖଡ଼୍ ପରାମର୍ଶ ଦେଇଛନ୍ । ସେନ୍ତା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର୍ ଭାଷଣ୍‌ଥି ରାଜ୍ୟପାଲ୍‌ମାନେ ରାଜଭବନ୍‌ମାନ୍‌କୁ ଶାସନ୍‌ର ଗୁଟେ ଆଦର୍ଶ ମୋଡ଼େଲ୍ ତିଆର୍ କରୁନ୍ ବଲି ଆହ୍ୱାନ୍ ଦେଇଛନ୍ । ୨ ଦିନିଆ ରାଜ୍ୟପାଲ୍ ସମ୍ମିଲନୀର୍ ଉଦ୍‌ଯାପନୀ ସମାରୋହଥି ଗୃହମନ୍ତ୍ରୀ ଭିଲ୍ ଉପସ୍ଥିତ୍ ଥିଲେ ।

ହର୍ ଘର୍ ତ୍ରିରଙ୍ଗା ଆର୍‌ଏନ୍‌ୟୁ / ସମ୍ବଲପୁର

ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍‌ଥି ଆଏବା ୯ ନୁ ୧୫ ତାରିଖ୍‌ତକ୍ ନିଜର୍ ଘରେ ତ୍ରିରଙ୍ଗା ପତାକା ଉଡ଼ାବାର୍‌କେ ଗୃହମନ୍ତ୍ରୀ ଅମିତ୍ ଶାହା ଦେଶ୍‌ବାସୀଙ୍କୁ ନିବେଦନ୍ କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ସେ କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ଗଲା ୨ ବଛ୍‌ରେ ଗୁଟେ ଜାତୀୟ ଆନ୍ଦୋଲନ୍ ହେଇପାରିଛେ ଆଉ ଦେଶର୍ କୁନା କୁନାଥି ଫି’ ଭାରତୀୟଙ୍କର୍ ଭିତ୍‌ରେ ଏକତାକେ ଜାଗ୍ରତ୍ କରିଛେ । ନିଜର୍ ଘରେ ଉଡ଼େଇଥିବା ତ୍ରିରଙ୍ଗା ସାଙ୍ଗେ ସେଲ୍‌ଫି ନେଇକରି ହର୍‌ଘର୍ ତ୍ରିରଙ୍ଗା ୱେବ୍‌ସାଇଟ୍ harghartiranga.com ଥି

ଅପ୍‌ଲୋଡ୍‌ କର୍‌ବାର୍‌କେ ଗୃହମନ୍ତ୍ରୀ ଶ୍ରୀ ଶାହା ଦେଶ୍‌ବାସୀଙ୍କୁ ନିବେଦନ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ- ଓଡ଼ିଆ ଅସ୍ମିତା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ସର୍‌କାରୀ ଆର୍ ବେସର୍‌କାରୀସ୍ତର ନ ଓଡ଼ିଆ ଭାଷାର୍ ବେଭାର୍ ବଢ଼୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଓଡ଼ିଶା ପବ୍ଲିସର୍ ଏଣ୍ଡ ବୁକ୍ ସେଲର୍ ଏସୋସିଏସନ୍‌ର କର୍ମକର୍ତାମାନ୍‌କର୍ ସାଙ୍ଗେ ଆଲୋଚନା ଅବ୍‌ସରେ ସେ କହିଛନ୍ ଯେ, ଓଡ଼ିଆ ଅସ୍ମିତାର୍ ସୁରକ୍ଷା ଆଉ ଓଡ଼ିଆ ସାହିତ୍ୟ ଆଉ ସଂସ୍କୃତିର୍ ଅଭିବୃଦ୍ଧିର୍ ଲାଗି କାମ୍ ମୁଲ୍ ହେଇଛେ । ଓଡ଼ିଆ ଅସ୍ମିତା ଲାଗି ଗୁଟେ କର୍ପସ୍ ପାଣ୍ଠି ଗଢ଼ାଯାଇଛେ । ରାଏଜେ ଗାଁ ଇଲାକା ନ ପାଠାଗାର୍ ଥାପ୍‌ନାର୍ ଯୋଜ୍‌ନା ରହିଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ମନ୍ତ୍ରୀ-ଜିଲ୍ଲାଗସ୍ତ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ବଜେଟ୍ ବାବ୍ଦେ ଲୋକ୍ମାନ୍କୁ ଜନାବାର୍କେ ଫି' ମନ୍ତ୍ରୀ ୨ ଟା ଲେଖା ଜିଲ୍ଲାକେ ଯିବେ ବଲି ରାଜ୍ୟ ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସୂଚ୍ନା ଦେଇଛନ୍ । ସେ କହିଛନ୍ ଯେ, ମନ୍ତ୍ରୀମାନେ ଲୁକ୍କର୍ ସାଙ୍ଗେ ବଜେଟ୍ର ଭିନ୍ ଭିନ୍ ଦିଗ୍ ଆର୍ ସର୍କାର୍ଙ୍କର୍ ନିଷ୍ପତି ବାବ୍ଦେ ଆଲୋଚନା କର୍ବେ ।

ନର୍ସିଂ କଲେଜ୍ ଏନ୍ଓସି ରଦ୍ଦ          ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ବେଆଇନ୍ ଭାବେ ଚାଲିଥିବା ଶହେ ୪୭ ଟା ନର୍ସିଂ କଲେଜ୍ର ଏନ୍ଓସି ରାଜ୍ୟ ଆୟୁର୍ବିଜ୍ଞାନ୍ ଶିକ୍ଷା ଆଉ ତାଲିମ୍ ନିର୍ଦ୍ଦେଶକ୍- ଡିଏମ୍ଇଟି ରଦ୍ଦ୍ କରିଛନ୍ । ଭାରତୀୟ ନର୍ସିଂ ପରିଷଦ୍ର ଗାଇଡ୍ ଲାଇନ୍ ଅନ୍ସାରେ ଦର୍କାରୀ କାଗଜ୍ପତର୍ ଦାଖଲ୍ ନାଇଁ କରିଥିବାର୍ନୁ ଇ କାର୍ଯ୍ୟାନୁଷ୍ଠାନ୍ ହେଇଛେ । ହେଲେ ଇ କଲେଜ୍ ନ ପଢୁଥିବା ଛାତ୍ରଛାତ୍ରୀମାନ୍କର୍ କେହେନି ସମସ୍ୟା ନାଇଁହୁଏ ବଲି ଡିଏମ୍ଇଟି ପ୍ରଫେସର୍ ସନ୍ତୋଷ୍ କୁମାର୍ ମିଶ୍ର କହିଛନ୍ ।

ଚିତାଲାଗି ଅମାବାସ୍ୟା          ଆର୍ଏନ୍ୟୁ/ କଟକ୍

ଶ୍ରାବଣର୍ ଉଆଁସ୍ ତିଥି ଉଧେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ଚିତାଲାଗୀ ନୀତି ହେବା । ଭୋଗ ମଣ୍ଡପ ଭୋଗ ଶେଷ୍ ହେବାର୍ ଉତ୍ରୁ ଇ ଗୁପ୍ତନୀତି କରାଯିବା । ଇଥିର୍ଲାଗି ଦୁଇପହରର୍ ୨ ବଜେନୁ ସଞ୍ଜ୍ବେଲର୍ ୬ ବଜେତକ୍ ୪ ଘଂଟା ଲାଗି ଆଏଜ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ ।

ଏମ୍ଏସ୍ଏମ୍ଇ କନେକ୍ଟର୍ କନ୍କ୍ଲେଭ ହି.ସ.

ଝାର୍ସୁଗୁଡ଼ା ନ ବ୍ୟବସାୟ ବଢ଼ାବାର୍କେ ସି.ଆଇ.ଆଇ. ଏମ୍ଏସ୍ଏମ୍ଇ କନେକ୍ଟର୍ ପହେଲା ସଂସ୍କରଣ୍ କନ୍କ୍ଲେଭ୍ ହେଇଯାଇଛେ । ବେଦାନ୍ତ କମ୍ପାନୀ ତର୍ଫୁ ହେଇଥିବା କନ୍କ୍ଲେଭ୍ଥି ରାଜ୍ୟ ଶିଳ୍ପ ବିଭାଗ୍ର ଅତିରିକ୍ତ ନିର୍ଦ୍ଦେଶକ ପ୍ରଭୁ ପ୍ରସାଦ୍ ଚୌଧୁରୀ, ସି.ଆଇ.ଆଇ. ର ରାଜ୍ୟ ଅଧ୍ୟକ୍ଷ ଡକ୍ଟର୍ ପ୍ରଦୀପ୍ ମହାନ୍ତି, ବେଦାନ୍ତ କମ୍ପାନୀର୍ ଉପାଧ୍ୟକ୍ଷ ଆର୍ ସି.ଇ.ଓ. ସୁନୀଲ୍ ଗୁପ୍ତାଙ୍କର୍ ସହେତେ ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍ ଆର୍ ରାଉର୍କେଲାର୍ ଭିନ୍ ଭିନ୍ ଶିଳ୍ପ କମ୍ପାନୀର୍ କର୍ମକର୍ତାମାନେ ଯୋଗ୍ ଦେଇଥିଲେ । କନ୍କ୍ଲେଭ୍ଥି ଖଣିଜ ଦ୍ରବ୍ୟ,

କୃଷି ପ୍ରକ୍ରିୟାକରଣ୍, ଅକ୍ଷୟଶକ୍ତି ଦିଗେ ରହିଥିବା ସମ୍ଭାବନା ଉପ୍ରେ ଆଲୋଚନା କରାଯାଇଥିଲା ।

ବର୍ଗଡ୍- ବିଜ୍ଲି ଯୋଗାଣ ବନ୍ଦ୍ ଆର୍ଏନ୍ୟୁ /ସମ୍ବଲପୁର

ବିଦ୍ୟୁତ୍ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଦେଖ୍‌ରେଖ୍ କାମ୍ ଲାଗି ଆଏବାକାଏଲ୍ ସୋମ୍‌ବାର୍ ଦିନର୍ ସଖାଲର୍ ୮ ନୁ ଦୁଇପହରର୍ ୨ ବଜାତକ୍ ବର୍ଗଡ୍ ସହର୍ ଆଉ ଅମ୍ବାଭୋନା ବ୍ଲକ୍‌ର କେତେ ଇଲାକା ନ ବିଜ୍ଲି ଯୋଗାଣ ବନ୍ଦ୍ ରହେବା ବଲି ଟିପିଡବ୍ଲୁଓଡିଏଲ୍ ତର୍ଫୁ କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ସେଦିନ ବର୍ଗଡ୍ ସହରର୍ ଭଟ୍‌ଲିଛକ୍, ଘୁଲିପାଲି, ନଦୀଖଁଡ଼ି, ତଲିପଡ଼ା, ନିଗମାନନ୍ଦ ବିହାର୍, ଲ କଲେଜ୍ ରୋଡ୍ ଆର୍ ଆଖର୍‌ପାଖର୍ ଇଲାକା ନ ସଖାଲର୍ ୮ ନୁ ଦୁଇପହରର୍ ୨ ବଜେତକ୍ ବିଜ୍ଲି ଯୋଗାଣ ବନ୍ଦ୍ ରହେବା ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ଲାଗି ରହିଥିବାର୍ ବେଲେ ଆଏଜ୍ ସମ୍ବଲ୍‌ପୁର୍, ବର୍‌ଗଡ୍, ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ୍ ଜିଲ୍ଲାର୍ କେତେ ଜାଗା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ । ଇ ଜିଲ୍ଲାମାନ୍‌କର୍ ଗୁଟେ ଜୁଡ଼େ ଜାଗା ନ ୭ ନୁ ୧୧ ସେଂଟିମିଟର୍‌ତକ୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।